# ସମ୍ବାଦ 2021

# ପ୍ରଖ୍ୟାତ କଥାକାର ତରୁଣକାନ୍ତି ମିଶ୍ରଙ୍କୁ

# ପାଠକ ପାଠିକାଙ୍କ ପ୍ରଶ୍ନ

1. ଆପଣ କେମିତି ସାହିତ୍ୟ ପ୍ରତି ଆକର୍ଷିତ ହୋଇଥିଲେ ? 'ରେବତୀ' ଗଳ୍ପରେ ଆପଣ ଯେଉଁ ଭୟଙ୍କର ସମସ୍ୟାର ଚିତ୍ର ଆଙ୍କିଛନ୍ତି, ପ୍ରଶାସକ ଥିଲା ବେଳେ ତାହାର ସମାଧାନ ଦିଗରେ କିଛି ପଦକ୍ଷେପ ନେଇଛନ୍ତି କି ?

ଶାନ୍ତନୁ ଦୀପ

ଜୁନାଗଡ଼, କଳାହାଣ୍ଡି

ଉତ୍ତର

ସାହିତ୍ୟ ପ୍ରତି ମୋ ମାଆଙ୍କର ବହୁତ ଶ୍ରଦ୍ଧା ଥିଲା । ପ୍ରତି ସଞ୍ଜରେ ଆମେ ସବୁ ଭାଇଭଉଣୀ ରୋଷେଇଘରେ ବସି ତାଙ୍କଠାରୁ ଅସଂଖ୍ୟ ଗପ ଶୁଣିଛୁ । ମୋ ଅଜା ଚମତ୍କାର ଗପ କହି ପାରନ୍ତି : ଦେବଦେବୀଙ୍କ କାହାଣୀ ଠାରୁ ଆରମ୍ଭ କରି ଭୂତପ୍ରେତ ବୃତ୍ତାନ୍ତ ଯାଏ । ସଂସାର ମୋତେ ଲାଗୁଥିଲା ଅଦ୍ଭୁତ ରହସ୍ୟମୟ, କେନ୍ଦୁଝରର ଆରଣ୍ୟ ପରିବେଶରେ । ଏ ସବୁ ମୋତେ ଉତପ୍ରେରିତ କରିଥିଲା ଗପ ଲେଖିବାକୁ । ମୋ ମାଆ  ମୋତେ ଲେଖିବାକୁ ବହୁତ ଉତ୍ସାହିତ କରିଛନ୍ତି, ପିଲାଟି ଦିନରୁ ।

ଚାକିରୀରେ ଯୋଗ ଦେବା ପରେ, ମୁଁ ଅନୁଭବ କରିଥିଲି, ଜୀବନ କେବଳ ଏକ ରୋମାଞ୍ଚକର ଯାତ୍ରା ନୁହେଁ, ଏଥିରେ ରହିଛି ଦୁଃଖ ସନ୍ତାପର ଅସୀମିତ ଦୃଶ୍ୟ । ନିରୁପାୟ ମଣିଷର ଅଶ୍ରୁ ଓ ଦୀର୍ଘ ନିଃଶ୍ୱାସ । ଆପଣ ଉଲ୍ଲେଖ କରିଥିବା 'ରେବତୀ' ଗଳ୍ପ ସମ୍ପର୍କରେ ହିଁ କହୁଛି।

ରେବତୀର କାହାଣୀ ବିସ୍ଥାପିତ ମଣିଷର କାହାଣୀ । ସାମାଜିକ ନ୍ୟାୟ ପାଇବାରେ ବିଫଳ ଏକ ପରିବାରର କାହାଣୀ । ବିସ୍ଥାପନ ସମ୍ପର୍କିତ ଏ ଗପଟି ଲେଖିଥିଲି କେଶିଙ୍ଗା (କଳାହାଣ୍ଡି)ରେ ଗୋଟିଏ ବିନିଦ୍ର ରାତିରେ, ଭାରାକ୍ରାନ୍ତ ମନରେ । ଆମ ରାଜ୍ୟର ବିସ୍ଥାପନ ନୀତିରେ କିଛି ଅଭାବ ରହିଥିଲା । ବିଭିନ୍ନ ପ୍ରୋଜେକ୍ଟ ପାଇଁ ଭିନ୍ନ ଭିନ୍ନ ନୀତି ଥିଲା ଓ ନାନା ଅସଙ୍ଗତି ବି ରହିଥିଲା ସେଥିରେ । ଜନ ଅସନ୍ତୋଷ ବଢୁଥିଲା । ରାଜସ୍ୱ ସଚିବ ହିସାବରେ ମୋତେ ସୁଯୋଗ ମିଳିଥିଲା ଏକ ସମ୍ବେଦନଶୀଳ ବିସ୍ଥାପନ ଓ ପୁନର୍ବାସ ଯୋଜନା ପ୍ରଣୟନ ନିମନ୍ତେ । ଏଥିପାଇଁ ମୁଁ ବିଭିନ୍ନ ସରକାରୀ ବିଭାଗ, ଶିଳ୍ପସଂସ୍ଥା, ବୁଦ୍ଧିଜୀବୀ ଓ ଜନସାଧାରଣଙ୍କ ସହିତ ବିଭିନ୍ନ ବୈଠକରେ ପରାମର୍ଶ କରିଥିଲି । ଅନ୍ୟ ରାଜ୍ୟକୁ ଯାଇ ସେଠାକାର ସ୍ଥିତି

ଅନୁଧ୍ୟାନ କରିଥିଲି ।  ଏହା  ଓଡିଶାର ପ୍ରଥମ ପୂର୍ଣ୍ଣାଙ୍ଗ ତଥା ସମନ୍ୱିତ ବିସ୍ଥାପନ ଓ ପୁନର୍ବାସ ଯୋଜନା, ଯାହା ଜାତୀୟ ସ୍ତରରେ ବି ଆଦୃତ ହୋଇଥିଲା ( ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ୱେବସାଇଟ ଦ୍ରଷ୍ଟବ୍ୟ, ବିଜ୍ଞପ୍ତି ତାରିଖ 14-5-2006 ) । ଭୂମିହୀନଙ୍କ ସମେତ, ଏଥିରେ ଶାରୀରିକ ଭିନ୍ନକ୍ଷମ, ବିଧବା, ସ୍ୱାମୀ-ପରିତ୍ୟକ୍ତା ଓ ଅନାଥ ଶିଶୁଙ୍କ ପାଇଁ  ( ରେବତୀ ଭଳି ଝିଅଟି ପାଇଁ ?) ଉଦାର ବ୍ୟବସ୍ଥା ରହିଛି । ଏ କଥା ନୁହେଁ ଯେ ଏହି ଯୋଜନା ଫଳରେ ବିସ୍ଥାପିତଙ୍କ ସବୁ ଦୁଃଖ ଘୁଞ୍ଚି ଯାଇଛି । କିନ୍ତୁ ଏହା ଥିଲା ଏକ ଛୋଟ ଉଦ୍ୟମ, ସାମାଜିକ ନ୍ୟାୟକୁ ଅଧିକ ପରିପୁଷ୍ଟ କରିବା ପାଇଁ ।

2. ମୋ ଜାଣିବାରେ ଓଡ଼ିଶାର କିଛି ସାହିତ୍ୟିକ ଅଛନ୍ତି, ଯେଉଁମାନଙ୍କର ଲେଖାକୁ ପାଠକମାନେ ଖୋଜି, ଲୋଡ଼ି ପଢ଼ନ୍ତି; ତନ୍ମଧ୍ୟରୁ ଆପଣ ଜଣେ । ପାଠକମାନଙ୍କ ଏ ଅଜସ୍ର ଭଲପାଇବାକୁ ଆପଣ କିପରି ଗ୍ରହଣ କରନ୍ତି ? ପାଠକପାଠିକାଙ୍କଠାରୁ ପାଇଥିବା କିଛି ଅଭୁଲା ପ୍ରତିକ୍ରିୟା ପ୍ରକାଶ କରିବେ କି ?

ପ୍ରକାଶ ଚନ୍ଦ୍ର ଦାଶ

ଏସ୍-ବି ୧୪, ଶକ୍ତିନଗର

ରାଉରକେଲା-୭୬୯୦୧୪

ଉତ୍ତର

ପାଠକୀୟ ଶ୍ରଦ୍ଧା ମୋତେ ସର୍ବଦା ଅଭିଭୂତ କରିଛି, କୃତଜ୍ଞ କରିଛି । ଗପଟିଏ ମୁଁ ଲେଖିଥାଏ ମୋର ସାମର୍ଥ୍ୟ ଓ ସୀମାବଦ୍ଧତାକୁ ନେଇ । ତାହା ମୋତେ ସନ୍ତୋଷ ଦେଇଥାଏ । କିନ୍ତୁ ଯେତେବେଳେ ମୁଁ ନିରୋଳା ରାତିରେ ଲେଖି ବସି ଭାବେ ଯେ କେହି ଜଣେ ଅପେକ୍ଷା କରିଛି ମୋ ଲେଖାକୁ ପଢିବା ପାଇଁ, ମତେ ଭାରି ଛଟପଟ ଲାଗେ, ନିରୁପାୟ ଲାଗେ, ଭୟ ଲାଗେ । ମୁଁ କ'ଣ ପୂରଣ କରି ପାରିବି ମୋର ସେହି ଅଦେଖା, ଅପହଞ୍ଚ ପାଠକଟିର ପ୍ରତ୍ୟାଶାକୁ, ଛୁଇଁ ପାରିବି ତା' ହୃଦୟର କୋମଳତମ ତନ୍ତ୍ରୀକୁ ? ଯଦି ନ ପାରେ, ଯଦି ସମ୍ଭବ ନ ହୁଏ ? ଏ କିଭଳି ପ୍ରତାରଣା ହେବ ମୋ ପକ୍ଷରେ !

ପାଠକପାଠିକାମାନଙ୍କୁ ନେଇ ମୋର ଏତେ ଅବିସ୍ମରଣୀୟ ସ୍ମୃତି ରହିଛି ଯେ ମୁଁ ଜାଣିପାରୁନି କେଉଁଠୁ ଆରମ୍ଭ କରିବି ଓ କେଉଁଠି ଶେଷ । ମୋର ମନେ ପଡୁଛି ଆପଣ ବି ମୋତେ, ଜଣେ ସଂପୂର୍ଣ୍ଣ ଅଜଣା ପାଠକ ହିସାବରେ, ଚିଠି ଲେଖିଥିଲେ 'ରେବତୀ' ଗଳ୍ପଟି ପଢି, ଯାହା ମୋତେ ବିହ୍ୱଳିତ କରିଥିଲା ।  ଏତିକି ନିଶ୍ଚୟ କହିବି ଯେ, ମୁଁ ବହୁତ ଗାଳି ଖାଇଛି ମୋ ପାଠକପାଠିକାଙ୍କ ଠାରୁ, କେତେକ ଗଳ୍ପର କରୁଣ ପରିଣତି ପାଇଁ । ସବୁଠୁ ବେଶି 'ରେବତୀ' ଓ 'ଅଜଣା ତିଥିର ଜହ୍ନ' ପାଇଁ । ନିକଟରେ, 2020 ପୂଜା ସଂଖ୍ୟାରେ, ମୋର

ଗୋଟିଏ ଗଳ୍ପ ପ୍ରକାଶ ପାଇଥିଲା, ତାହା ପଢି ଜଣେ ମୋତେ ଖୁବ ତିରସ୍କାର କରି ଲେଖିଥିଲେ, କହିଥିଲେ କାହାଣୀର ଏଭଳି ବିୟୋଗାନ୍ତକ ପରିଣତି ତାଙ୍କ ପାଇଁ ଗ୍ରହଣଯୋଗ୍ୟ ନୁହେଁ, ଏ ଗପକୁ ବଦଳାଇ ସେ ନିଜେ ଅନ୍ୟ ଏକ ଗଳ୍ପ ଲେଖିବେ ।

3.(କ) ଆପଣଙ୍କ ଏକାଧିକ ପ୍ରସିଦ୍ଧ ଗଳ୍ପରେ ବିଚ୍ଛେଦ ହେଉଛି ମୁଖ୍ୟ ବିଷୟ । ଅଜଣା ଅତିଥିର ଜନ୍ମ, ରଙ୍ଗନାଥ, ଲଳିତ ଆଖ୍ୟାନ, କୋମଳ ଗାନ୍ଧାର ଏମିତି ଆହୁରି ଅନେକ ଗଳ୍ପରେ ଚରିତ୍ରମାନଙ୍କୁ କାହିଁକି ଏତେ କଷ୍ଟ ଦେଇ ଆପଣ ନିଷ୍ଠୁର ହେଇ ଯାଆନ୍ତି ?

ଗଣେଶ ବାରିକ

ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ବଲାଙ୍ଗୀର

3. ( ଖ ) ବିୟୋଗାନ୍ତକ ଅଥବା ବେଦନାସିକ୍ତ ସାହିତ୍ୟ କାହିଁକି କାଳଜୟୀ ହୋଇଥାଏ?  ଆପଣଙ୍କ ସୃଷ୍ଟି - ‘କୋମଳ ଗାନ୍ଧାର’ର ନାୟକର କେଉଁ ମାନସିକତା ପ୍ରେମାନୁରାଗ ପ୍ରତି, ବିପରୀତ ବ୍ୟବହାର କରିବାକୁ ତାଙ୍କୁ ପ୍ରେରିତ କରିଥିଲା?

ଶାଶ୍ୱତ କୁମାର ଜେନା

କାଜିଡିହ,ଖପୁରିଆ, ମଧୁପାଟଣା, କଟକ

ଉତ୍ତର

'ସଂସାରରେ ଏତେ ଦୁଃଖ, ଏତେ ଯାତନା, ତା' ସତ୍ତ୍ୱେ ତୁମେ ପୁଣି ଏତେ କରୁଣ କାହାଣୀ ଲେଖି ପାଠକଟିର ଦୁଃଖବୋଝ କାହିଁକି ବଢ଼ାଉଛ ?' ମୋତେ ପଚାରିଛନ୍ତି କେହି କେହି ପାଠକ, ଆପଣଙ୍କ ପରି । ମୁଁ ଏହାର ସନ୍ତୋଷଜନକ ଉତ୍ତର ଦେଇ ପାରିବି କି ନାହିଁ, ଜାଣେ ନାହିଁ । ମୁଁ ଏସବୁ କାହାଣୀ ଲେଖିଥାଏ ଦୁଃଖକୁ ଭଲକରି ଚିହ୍ନିବା ପାଇଁ, ତା' ଭିତରର ନିର୍ମମ ସତ୍ୟ ଓ ରହସ୍ୟ ଜାଣିବା ପାଇଁ । ହୁଏତ ସେହି ଅଭିଜ୍ଞାନ ଆମକୁ ଚିହ୍ନାଇ ଦେବ ଜୀବନର ବ୍ୟାପ୍ତି, ସୁଖର ସଂଜ୍ଞା । ଏବଂ କେବେ କେବେ ଘେନିଯିବ ଆମକୁ ଏପରି ଅସ୍ତିତ୍ୱକୁ, ଯେଉଁଠି ସୁଖ ଓ ଦୁଃଖ ଏକାକାର ଓ ଅଭିନ୍ନ ।

ଚାଳିଶ ବର୍ଷ ତଳେ ମୁଁ ଲେଖିଥିବା, 'କୋମଳ ଗାନ୍ଧାର' ଗଳ୍ପର ନାୟକ ସୁମନ୍ୟୁ ଶେଷରେ ସେହି ଦୂରତ୍ୱ ଅତିକ୍ରମ କରିଥିଲା, ଯେଉଁଠି ଆନନ୍ଦ ଓ ବେଦନାର ପାର୍ଥକ୍ୟ ଅନ୍ତର୍ହିତ ହୋଇଯାଏ, ପାଇବା ନ ପାଇବାର ଅର୍ଥ ଏକ ହୋଇଯାଏ ।

4. ଆପଣଙ୍କର ଅନେକ ପରିଶୁଦ୍ଧ ପ୍ରେମଗଳ୍ପରେ ରୋମାଞ୍ଚ ଅପେକ୍ଷା ରହସ୍ୟ ଅଧିକ ଥାଏ । ପାଠକଟିଏ ପ୍ରାରମ୍ଭରୁ ପ୍ରେମର ସୂକ୍ଷ୍ମପଣ ଓ ଅତୀନ୍ଦ୍ରିୟ ଭାବନାକୁ ଅନୁଭବ କରୁଥାଏ କେବଳ । ଶେଷ ପରିଣତି ପାଇଁ ଉତ୍ସୁକତା ବଢ଼ାଇ ପରିଶେଷରେ ପାଠକଟିକୁ ଆବେଗିକ ଉଚ୍ଛ୍ୱାସରେ ନିର୍ବାକ୍ କରିଦିଅନ୍ତି ଆପଣ । ଏସବୁ ସୃଜନ ସମ୍ଭାର କେବଳ କଳ୍ପନା-ପ୍ରସୂତ ବୋଲି ତ ମନେ ହୁଏ ନାହିଁ; ଗାଳ୍ପିକ ଭାବରେ କେତେ ପ୍ରତିଶତ ନିଜସ୍ୱ ଅନୁଭବ ଓ ଅନୁଭୂତି ଏଥିରେ ନିହିତ ଥାଏ?

ତନ୍ଦ୍ରାଳସା ଦାସ

ରତପଲ୍ଲୀ ବିଦ୍ୟାପୀଠ, ଭିଙ୍ଗାରପୁର

ଉତ୍ତର

ଆପଣଙ୍କ ସଶ୍ରଦ୍ଧ ମତ ପାଇଁ ମୁଁ ଅନୁଗୃହୀତ । ମୋର ବିଶ୍ୱାସ, ଲେଖକଟିଏ ପରିଶେଷରେ ନିଜକୁ ହିଁ ଉନ୍ମୋଚିତ କରିଥାଏ । ଗୋଟିଏ ଗଳ୍ପ କି କବିତାରେ ସେ ହୁଏତ ଉହ୍ୟ ରହି ପାରେ, ଅନ୍ୟକୁ ମୋହିତ କରିବାକୁ ଚେଷ୍ଟା କରିପାରେ, କିନ୍ତୁ ଶତାଧିକ ଗଳ୍ପ ଲେଖି କେହି ନିଜକୁ ଲୁଚାଇ ପାରେ ନାହିଁ । ମୁଁ ଯାହା, ମୁଁ ଯେମିତି ଭାବେ, ଯାହା ମୋର ଜୀବନର ଉପଲବ୍ଧି, ଯାହା ମୋର ଚେତନା ଓ ଅବଚେତନା, ତାହା ହିଁ ରହିଛି ମୋ ଲେଖାରେ । ଏ ସମସ୍ତ ହୁଏତ ମୋର ନିଜ ଅଭିଜ୍ଞତାର କାହାଣୀ ନୁହେଁ, ମୋ' ନିଜସ୍ୱ ଆତ୍ମକଥା ନୁହେଁ, କିନ୍ତୁ ଏ ମୋ' ଭିତରେ ଥିବା ସଂସାରର କାହାଣୀ ।

5. ଆପଣଙ୍କ ଗଳ୍ପ ପଢିଲେ ଲାଗେ ଗୋଟିଏ ସତ ଘଟଣା ଯାହା ପ୍ରତ୍ୟକ୍ଷ କରିଛନ୍ତି ଏବଂ ତାହା ପାଠକଙ୍କୁ ଶୁଣାଉଛନ୍ତି। ଏ ଗଳ୍ପକଳାରେ ସତ ସହ କଳ୍ପନା ଥାଏ ନା କଳ୍ପନାରେ କିଛି ସତ ମିଶିଥାଏ ?

ସୁଶୀଲ ପାଣିଗ୍ରାହୀ

ଦଲେଇପଡ଼ା, ସମ୍ବଲପୁର

ଉତ୍ତର

କେତେକ ଗଳ୍ପରେ କଳ୍ପନା ବେଶି, ସତ କମ । ଆଉ କେଉଁଠି, ସତ ଭିତରେ ବିନ୍ଦୁଏ କଳ୍ପନା । ହୁଏତ ସବୁ ହିଁ ସତ । ଆଇନଷ୍ଟାଇନ କହିଥିଲେ, ପାବଲୋ ପିକାଶୋ ବି, ଯଦି ତୁମେ କିଛି କଳ୍ପନା କରି ପାରୁଛ, ତେବେ ତାହା ହିଁ ବାସ୍ତବ ।

6.(କ) ଆପଣଙ୍କ ଗପ, ଭବିଷ୍ୟତରେ କେବେ ନିଜ ସାମ୍ନାରେ ସତ ହୋଇ ଉଭା ହୋଇଛି କି? ଗପଲେଖା ଆପଣଙ୍କୁ ଜୀବନ ସହ ଘନିଷ୍ଠ କରିଛି, ଅବା ଅନ୍ୟମନସ୍କ କରିଛି ଅବା ଜୀବନ ସହ ଏକ ସମାନ୍ତର ତିଆରି କରିଛି ନା ଆଉ କିଛି ?

(ଖ) ବହୁବର୍ଷ ତଳେ, ଆପଣଙ୍କ କୌଣସି ଏକ ଗପ ସମ୍ପର୍କରେ ଜଣେ ପାଠକ କାଳେ କହିଥିଲେ, ଏହାର ଗାଳ୍ପିକ କେବେଠୁ ମୃତ୍ୟୁ ବରଣ କଲେଣି; ଏ ବିଷୟରେ ଟିକେ କହିବେ କି ?

ଶକ୍ତି ମହାନ୍ତି,

ଜୟବଡ, ଜଗତସିଂହପୁର

ଉତ୍ତର

(କ) ହଁ, ମୋ କଳ୍ପନାର କାହାଣୀ deja vu ରୂପେ ପରିପ୍ରକାଶିତ ହୋଇଛି ଅପ୍ରତ୍ୟାଶିତ ଭାବରେ, କୋରାପୁଟ ଅରଣ୍ୟରେ, ଆରିଜୋନାର ମରୁ-ପ୍ରାନ୍ତରରେ, ବାହାମା ଦ୍ୱୀପର ପ୍ରାଚୀନ ଦୁର୍ଗ ଭିତରେ । ଏପରିକି ଏଇ ଭୁବନେଶ୍ୱରର କୌଣସି ଦ୍ୱିପ୍ରହରରେ । ଜଣକ ସହିତ ସାକ୍ଷାତ, ଜଣା ବା ଅଜଣା; ଗୋଟିଏ ଦୁଃଖ, ଗୋଟିଏ ଆନନ୍ଦ ମୁହୂର୍ତ୍ତ, ମନେହୁଏ ଏ ମୋର ପୁରୁଣା କାହାଣୀ ।

ଗପ ଲେଖା ମୋତେ ଜୀବନକୁ ଚିହ୍ନିବାରେ ସାହାଯ୍ୟ କରେ : କେବେ କେବେ ଭଲପାଇବାକୁ, କେବେ କେବେ ଆଣିଦିଏ ବିରାଗ, କେବେ କେବେ ସନ୍ନ୍ୟାସୀର ବିଚ୍ଛିନ୍ନବୋଧ । ଏ ସବୁ ଭିତରେ ଥାଏ ବିଶ୍ୱରୂପ ଦର୍ଶନର ବିପନ୍ନ ବିସ୍ମୟ, ଆପଣାର ଅକିଞ୍ଚନପଣ ।

(ଖ) ଏ ଅନେକ ଦିନ ତଳର କଥା । ଖୋର୍ଦ୍ଧାରେ ମୋର ପ୍ରଥମ ଚାକିରୀ, ସବ-କଲେକ୍ଟର ଭାବରେ । ମୋର ଆବାସିକ କାର୍ଯ୍ୟାଳୟରେ, ରେଡ଼କ୍ରସ ସମ୍ପର୍କରେ ଗୋଟିଏ ବୈଠକ ସରିଲା ପରେ, ମୋର ଜଣେ ସହକର୍ମୀ, ଯୁବ ଓ.ଏଫ.ଏସ. ଅଫିସର, ରହିଗଲେ ଆଉ ଗୋଟିଏ କପ ଚା' ପିଇବା ପାଇଁ । ଆମେ ଆସି ଅଗଣାରେ ବସିଲୁ, ଫୁଲ ଫୁଟିଥାଏ, ଜହ୍ନ ଥାଏ ଆକାଶରେ । ସେଇ ଆକାଶକୁ ଚାହିଁ ସେ ସାମାନ୍ୟ ଭାବବିହ୍ୱଳ ହୋଇ କହିଲେ, ଏମିତି ଜହ୍ନ ରାତିରେ ମୋର ଗପଟିଏ ମନେ ପଡେ । କେତେବର୍ଷ ତଳେ ପଢ଼ିଥିଲି । ସୁନ୍ଦର ଗପ, ତା' ଭିତରେ ଦୁଇଧାଡ଼ି କବିତା ବି ଥିଲା । ସେ କବିତାଟି ମତେ ଭଲ ଲାଗିଥିଲା, ମୁଁ ତା'କୁ ନେଇ ଗୋଟିଏ ସମ୍ପୂର୍ଣ୍ଣ କବିତା ଲେଖି ପକାଇଥିଲି । ତା'ପରେ ସେ ଗାଇଥିଲେ ଗଳ୍ପରେ ରହିଥିବା ସେହି ଗୋଟିଏ ପଙ୍କ୍ତି :

ତୁମେ କେଉଁ ସ୍ୱପ୍ନ-ନୀଳ ଆକାଶର ତାରା

ଦୂର କେଉଁ ଗ୍ରହର ଈଶାରା...

ଏ ଦୁଇଧାଡ଼ି ଶୁଣି ମୁଁ ଆଶ୍ଚର୍ଯ୍ୟ ହୋଇଗଲି । ଏ ମୋର ଲେଖା, ଏ ଦୁଇ ଧାଡି କବିତା ଥିଲା 'ଝଙ୍କାର'ରେ ମୋର ପ୍ରକାଶିତ ଗଳ୍ପରେ, ମୁଁ ଛାତ୍ର ଥିବା ସମୟରେ ।

ମୃଦୁ ହସି ମୁଁ ପଚାରିଥିଲି, ଏ ଗପର ଲେଖକ କିଏ ?

ସେ ଚେଷ୍ଟା କଲେ ମନେ ପକାଇବାକୁ । ମନେ ପଡ଼ିଲା ନାହିଁ । ସେ କହିଲେ, ମନେ ପଡୁ ନାହିଁ । ତାଙ୍କ ଲେଖା ତ କୋଉଠି ଆଉ ଦେଖୁନି । ବୋଧେ ସେ ଲେଖକ ମରି ହଜି ଗଲେଣି ।

ତାଙ୍କର ଏହି ମୃତ୍ୟୁଦଣ୍ଡ ମୋ ପାଇଁ ଗ୍ରହଣଯୋଗ୍ୟ ନଥିଲା ଆଦୌ ! ମୁଁ ଘର ଭିତରକୁ ଯାଇ 'ଝଙ୍କାର' ପତ୍ରିକାଟି ଆଣି ଦେଖାଇଥିଲି । ସେଥିରେ ଗପଟିଏ ଥିଲା, 'ଅନେକ ଦୂର' ।  ମୋ ନାମ ଲେଖା ଥିଲା  ତା' ତଳକୁ ।

7. ଆପଣଙ୍କୁ ଏମିତି କେବେ ମନେ ହୋଇଛି  କି ସର୍ବଭାରତୀୟ ପ୍ରଶାସନିକ ସେବାର ମାତ୍ରାତିରିକ୍ତ ଚାପ ଆପଣଙ୍କ ସୃଜନ ବିକାଶରେ ଅନ୍ତରାୟ ହୋଇଛି, ଅନ୍ୟ  କୌଣସି ବୃତ୍ତିରେ ଥିଲେ ସାରସ୍ୱତ ଜୀବନ ଆପଣଙ୍କର ଅଧିକ ପରିପୁଷ୍ଟ , ପୁଷ୍କଳ ହୋଇଥାଆନ୍ତ ? ସାହିତ୍ୟକୁ ନେଇ ଆପଣଙ୍କର ଆଉ କିଛି ଅପୂର୍ଣତା ବା ଅପ୍ରାପ୍ତିବୋଧ ଅଛି  କି ?

ପ୍ରତାପ ନାୟକ
ଏମ୍ ଆଇଜି-୭୫ କେ୯ଏ, କଳିଙ୍ଗ ବିହାର
ଭୁବନେଶ୍ୱର-୧୯

ଉତ୍ତର

ପ୍ରଶାସନିକ ସେବାରେ ମୋତେ ସମୟ ମିଳିଛି ଅଳ୍ପ, ଯାହା ଗଳ୍ପ ବା ଉପନ୍ୟାସ ଲେଖିବାକୁ ଯଥେଷ୍ଟ ନୁହେଁ । ଲେଖିବାକୁ ଚାହିଁ ଥିବା ଅନେକ ଗଳ୍ପ ମୁଁ ଲେଖି ପାରି ନାହିଁ ।

କିନ୍ତୁ ପ୍ରଶାସନିକ ବୃତ୍ତି ମୋତେ ସୁଯୋଗ ଦେଇଛି ଜୀବନର ଅନେକ ଦୃଶ୍ୟ ଦେଖିବାକୁ । ରେବତୀ, ଅନ୍ଧ ରାତିର ଲୁହ, ଅଜଣା ତିଥିର ଜହ୍ନ ଭଳି ଗଳ୍ପ ମୁଁ ଲେଖି ପାରି ନ ଥାଆନ୍ତି, ଏଇ ଚାକିରୀରେ ନ ଥିଲେ; ମୋର ଉପନ୍ୟାସ 'ଶରଦଃ ଶତମ' ମଧ୍ୟ ମୋର ଅଭିଜ୍ଞତାର କାହାଣୀ । କିନ୍ତୁ ମୁଁ ହୁଏତ ଯା' ଠାରୁ ଆହୁରି ଭଲ କିଛି ଲେଖି ପାରି ଥାଆନ୍ତି, ଅନ୍ୟ କିଛି ବୃତ୍ତି ଅବଲମ୍ବନ କରିଥିଲେ ।  କିମ୍ବା କିଛି ଆଦୌ ଲେଖି ହିଁ ନ

ଥାଆନ୍ତି । ପରିଶେଷରେ, ଏ ସବୁ ନିରର୍ଥକ ଭାବନା । ମୁଁ କୃତଜ୍ଞ ଯେ ମୁଁ କିଛି ଲେଖି ପାରିଛି ଜୀବନରେ । ଯେତେ ସାମାନ୍ୟ ହେଉ, ଯେତେ ଅକିଞ୍ଚନ ହେଉ ।

୫. ଆଦିବାସୀଙ୍କ ଜୀବନ ସମ୍ବନ୍ଧରେ ଆପଣ କିଛି ଲେଖିଛନ୍ତି କି?

ନନ୍ଦକିଶୋର କିସ୍କୁ

ବହଳଦା, ମୟୂରଭଞ୍ଜ

ଉତ୍ତର

ମୋର ଜନ୍ମ ଆଦିବାସୀ ଅଞ୍ଚଳ କେନ୍ଦୁଝରଗଡରେ । ପିଲାଦିନ କଟିଛି ମୟୂରଭଞ୍ଜ ଓ ଗଜପତି ଜିଲ୍ଲାରେ । ଚାକିରୀରେ କିଛି ବର୍ଷ କୋରାପୁଟ, ସୁନ୍ଦରଗଡ଼ ଆଦି ଜିଲ୍ଲାରେ କଟିଛି । ତେଣୁ ଆଦିବାସୀ ଜୀବନ ଓ ଚେତନା ମୋ ଲେଖାରେ ସ୍ୱାଭାବିକ ଭାବରେ ପ୍ରତିଫଳିତ ହୋଇଛି ଅନେକତ୍ର । ମୋର ଉପନ୍ୟାସ 'ଶରଦଃ ଶତମ' ଦଣ୍ଡକାରଣ୍ୟ ଅଞ୍ଚଳର ଶରଣାର୍ଥୀ ଓ ଆଦିବାସୀଙ୍କୁ ନେଇ ରଚିତ । ଏଇ ଗତବର୍ଷ 'କଥା' ପତ୍ରିକାର ବିଶେଷାଙ୍କରେ ମୋର ଗଳ୍ପ 'ଆଦିମ' ପ୍ରକାଶ ପାଇଥିଲା, ଯାହା ମୟୂରଭଞ୍ଜର ଜଣେ ପଥରମୂର୍ତ୍ତି ଗଢୁଥିବା ନିଃସ୍ୱ ଆଦିବାସୀ ଶିଳ୍ପୀକୁ ନେଇ ।

୨. ଆପଣଙ୍କ ପ୍ରିୟ ବହି କ'ଣ ଯାହା ଆପଣଙ୍କୁ ଖୁବ୍ ପ୍ରଭାବିତ କରିଛି?

ତ୍ରିଲୋଚନ କାର୍ଯୀ

ବ୍ରହ୍ମପୁର, ଗଞ୍ଜାମ

ଉତ୍ତର

ଜୀବନକାଳ ଭିତରେ ଅନେକ ଲେଖକ ଓ ସେମାନଙ୍କ ବହି ମୋତେ ପ୍ରଭାବିତ କରିଛନ୍ତି, ମୁଁ ସେମାନଙ୍କୁ ଭଲ ପାଇଛି । ଅବୋଲକରା କାହାଣୀ ଠାରୁ ଆରମ୍ଭ କରି ଫକୀରମୋହନ, ଗୋପୀନାଥ ମହାନ୍ତି, ଶାନ୍ତନୁ ଆଚାର୍ଯ୍ୟ, ମନୋଜ ଦାସଙ୍କ ପର୍ଯ୍ୟନ୍ତ; ଈଶପଙ୍କ ଠାରୁ ଆରମ୍ଭ କରି ଚେକଭଙ୍କ ପର୍ଯ୍ୟନ୍ତ; ଦସ୍ତଏଭସ୍କିଙ୍କ ଠାରୁ ଆରମ୍ଭ କରି ମାର୍କେୱେଜଙ୍କ ପର୍ଯ୍ୟନ୍ତ । କିନ୍ତୁ ଏ ସମସ୍ତ ଉର୍ଦ୍ଧ୍ୱରେ 'ମହାଭାରତ' । ଜୀବନର ଏତେ ବୈଚିତ୍ର୍ୟ, ବିସ୍ତୃତି, ବୈଭବ ଆଉ କୌଣସି ଗ୍ରନ୍ଥରେ ନାହିଁ । ପୁଣି ସେହି ମହାସମୁଦ୍ର ଭିତରେ, ବିନ୍ଦୁଏ ଅମୃତ ପରି ଢଳ ଢଳ କରୁଛି, ଶ୍ରୀମଦ୍ ଭଗବତ ଗୀତା !

10. ଲେଖକୀୟ ଜୀବନର କେଉଁ ଘଟଣାକୁ କେବେ ମଧ୍ୟ ଭୁଲି ପାରିବେ ନାହିଁ ?

ଶିବସୁନ୍ଦର ସାହୁ
ଖଡ଼ିଆଳ, ନୂଆପଡ଼ା

ଉତ୍ତର

ହାଇସ୍କୁଲ ଛାତ୍ର ଥିଲା ବେଳେ ଲେଖିଥିଲି ଗୋଟିଏ ଗଳ୍ପ, ଯାହା ପ୍ରତ୍ୟାଖ୍ୟାତ ହୋଇଥିଲା ସ୍କୁଲ ସାହିତ୍ୟ ପତ୍ରିକା ପାଇଁ । ଖୁବ ହତାଶ ଲାଗିଥିଲା, ଭାବିଥିଲି ଚିରି ଦେବି ଗଳ୍ପଟି । କିନ୍ତୁ କଅଣ ଭାବି ପଠାଇ ଦେଇଥିଲି ସେ ସମୟର ଏକ ଲୋକପ୍ରିୟ ମାସିକ ପତ୍ରିକା 'ଆସନ୍ତାକାଲି'କୁ । ଦୁଇମାସ ପରେ ଗପଟି ପ୍ରକାଶ ପାଇଲା । ମୋ ମାଆ ପଢିଲେ, ଅନ୍ୟାନ୍ୟ ବନ୍ଧୁ ଓ ଗୁରୁଜନ ବି । ଗପଟି ଭଲ ହୋଇଛି ବୋଲି କହିଥିଲେ । ଭାବିଥିଲି, ମୋତେ ଉତ୍ସାହିତ କରିବା ପାଇଁ, ମୋତେ ଭଲ ପାଇ, ସେମାନେ ଗଳ୍ପଟିକୁ ପ୍ରଶଂସା କରୁଛନ୍ତି । ମୋ ଲାଗି ଏକ ବିସ୍ମୟ ଅପେକ୍ଷା କରି ରହିଥିଲା ସାତ ବର୍ଷ ପରେ । ତାଳଚେର ଲୋକାଲ ଟ୍ରେନର ଏକ ଅନ୍ଧାରୁଆ କମ୍ପାର୍ଟମେଣ୍ଟରେ, ଏକାକୀ ଯାତ୍ରା ସମୟରେ, ମୁଁ ଶୁଣିଥିଲି ମୋ ଗଳ୍ପର ପ୍ରଶଂସା । ତିନିଜଣ ଯୁବକ, ମୋ ଠାରୁ ସାମାନ୍ୟ ବଡ଼, ଟ୍ରେନରେ ଆସି ବସିଥିଲେ ଓ କିଛି ସମୟ ଖେଳ, ସିନେମା ବିଷୟରେ କଥାବାର୍ତ୍ତା ପରେ, ଗପ ବିଷୟରେ ଆଲୋଚନା କରିଥିଲେ । ସେମାନଙ୍କ ଭିତରୁ ଜଣେ କହିଥିଲେ, ବହୁତ ଦିନ ତଳେ ବଢ଼ିଆ ଗପ ଖଣ୍ଡେ ପଢ଼ିଥିଲି, ଗୋଟିଏ ହତଭାଗ୍ୟ ବୈଜ୍ଞାନିକ ସମ୍ପର୍କରେ ଗଳ୍ପ ! ତା'ପରେ ସେ ସଂକ୍ଷେପରେ ଗପଟି ଶୁଣାଇଥିଲେ, ମୁଁ ଲେଖିଥିବା ସେହି ଗପଟି । ଜଣେ ମନ୍ତବ୍ୟ ଦେଇଥିଲେ, ଆରେ ବାଃ , ବଢ଼ିଆ ଲେଖିଚି ତ !

ମୁଁ ସେହି ଛାୟାଛନ୍ନ ଅନ୍ଧାର ଭିତରେ ଚୁପଚାପ ଶୁଣିଥିଲି ମୋ ଲେଖା ଗଳ୍ପଟି, କହି ପାରିଲି ନାହିଁ, ମୁଁ ସେଇ ଲେଖକ।

11. ଆଦ୍ୟ ସମୟରେ ଆପଣ ଲେଖିଥିବା ଗଳ୍ପ ଏବଂ ଏବେ ଲେଖୁଥିବା ଗଳ୍ପ ଭିତରେ ନିଜେ କ'ଣ ସବୁ ତାରତମ୍ୟ ଅନୁଭବ କରୁଛନ୍ତି? 'ଅଜଣା ତିଥିର ଜହ୍ନ' ଆଉ ଥରେ ଲେଖିଲେ, କ'ଣ ପରିବର୍ତ୍ତନ କରିବାକୁ ଚାହିବେ?

ସ୍ୱୟଂପ୍ରଭା ସାହୁ

ଆଠଗଡ଼, କଟକ

ଉତ୍ତର

ମୁଖ୍ୟତଃ ଦୁଇ ପ୍ରକାର ।

ଅନେକ ସମୟରେ ପୁରୁଣା ଗପଟିଏ ପଢି ଲାଗେ, କି ପିଲାଳିଆ ଲେଖା, କି ଅପରିପକ୍ୱ ! ମନେ ମନେ ଲାଜ ଲାଗେ, କେବେ କେବେ ରାଗ ବି ନିଜ ଉପରେ ।

ପୁଣି କେବେ କେବେ ପୁରୁଣା, ଅତି ପୁରୁଣା, ମୋର ଗପଟିଏ ପଢି ମନ ଭରିଯାଏ ଅଦ୍ଭୁତ ଭାବମୟତାରେ, ମନେ ପଡେ ହଜିଲା ଦିନର କଥା, ହଜିଲା ସ୍ୱପ୍ନ ଓ ଶିହରଣର । ପୁଣି ଲାଗେ, ଏମିତି ତ ଆଉ ଏବେ ଲେଖିବା ସମ୍ଭବ ନୁହେଁ ମୋ' ପକ୍ଷରେ, ଏତେ ବିଶୁଦ୍ଧ, କୋମଳ ଆବେଗ ଓ ଅନୁଭବରେ !

'ଅଜଣା ତିଥିର ଜହ୍ନ'ରେ କିଛି ଦୋଷ ତ୍ରୁଟି ରହିଛି, ରହିଥାଉ । ତାହା ହିଁ ତା'ର ସୌନ୍ଦର୍ଯ୍ୟ ।

12. ଗାଳ୍ପିକ ତରୁଣକାନ୍ତିଙ୍କୁ ବ୍ୟକ୍ତି ତରୁଣକାନ୍ତି କେଉଁ ପ୍ରଶ୍ନଟି ପଚାରିବାକୁ ଚାହିବେ, ଯାହାର ଉତ୍ତର ଏଯାଏ ପାଇ ପାରି ନାହାନ୍ତି?

କଲ୍ୟାଣୀ ମିଶ୍ର

ପାରାଦୀପ, ଜଗତସିଂହପୁର

ଉତ୍ତର

ରାତି ରାତି ଉଜାଗର ରହି, ଦେହ-ମନ-ଆତ୍ମାକୁ କଷ୍ଟ ଦେଇ, ଏ ସବୁ ଲେଖୁଛ କାହିଁକି ? କଅଣ ରହିଛି ଏଥିରେ ସୁଖ ?

* * * * *